**ନିର୍ବାଚନ ଫଳାଫଳକୁ ନେଇ ଚାଷୀ ଅସନ୍ତୋଷ ମୁଖ୍ୟ କାରଣ ବୋଲି ମୁଖ୍ୟମନ୍ତ୍ରୀ ବୟାନ ଦେବା ପ୍ରସଙ୍ଗରେ**

# 'ମୁଡ୍ ଅଫ ଦ ନେସନ' ସ୍ରୋତରେ ଶାସକ ବିଜେଡିର ପତନ ସୁନିଶ୍ଚିତ :ବିଜେପି

- **'ମୁଡ ଅଫ ନେସନ'ରୁ ଓଡିଶା ବି ବାଦ୍ ପଡୁନାହିଁ**
- **ଚାଷୀ ଦମ୍ପତି ଆତ୍ମହତ୍ୟା କରିବା ସମୟରେ ମୁଖ୍ୟମନ୍ତ୍ରୀ ବଲିଉଡ ତାରକାଙ୍କ ସହ ସେଲଫି ନେବାରେ ବ୍ୟସ୍ତ**
- **୭୦ ଭାଗ ରାଜ୍ୟବାସୀ ପତ୍ୟକ୍ଷ ଓ ପରୋକ୍ଷ ଭାବେ କୃଷି ଅର୍ଥନୀତି ସହ ଜଡିତ, ତଥାପି ଚାଷୀମାନେ ଅବହେଳିତ**
- **ବିଜେପୁରଠୁ ବିଜାତୋଳା ରାଜ୍ୟ କଂଗ୍ରେସକୁ ସାଧାରଣ ଜନତା ପ୍ରତ୍ୟାଖାନ କରିଛନ୍ତି**
- **ରାଜ୍ୟ ବିଜେପି ଓଡିଆଙ୍କ ସ୍ୱାର୍ଥ ପାଇଁ ଲଢେଇ କରିଆସୁଛି**

**ଭୁବନେଶ୍ୱର, ତା ୧୨/୧୨ :** ଗତକାଲି ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟରୁ ଏହା ସ୍ପଷ୍ଟ ହୋଇଛି ଯେ, ଚାଷ ଓ ଚାଷୀ ସମସ୍ୟା ସମାଧାନ ବିଫଳ ହେବା କାରଣରୁ 'ମୁଡ ଅଫ ଦ ନେସନ' ଆଧାରରେ ସାଧାରଣ ଜନତା ସରକାରକୁ ବଦଳାଇଛନ୍ତି । ତେବେ 'ମୁଡ ଅଫ ଦ ନେସନ'ରୁ ଓଡିଶା ବି ବାଦ୍ ପଡୁନାହିଁ । ଓଡିଶାର ୭୦ ଭାଗ ଲୋକ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ କୃଷି ଅର୍ଥନୀତି ସହ ଜଡିତ । ଏଥି ସହ ଓଡିଶାର ଚାଷୀ ସାରା ଦେଶରେ ସବୁଠାରୁ ଖରାପ ସ୍ଥିତିରେ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପରୋକ୍ଷରେ ସ୍ୱୀକାର କରିଛନ୍ତି । ରାଜ୍ୟସରକାରଙ୍କ ଚାଷୀମାରଣ ନୀତି ଯୋଗୁଁ ହନ୍ତସନ୍ତ ହେଉଥିବା ଚାଷୀପରିବାର ଆଗାମୀ ଦିନରେ ଏହି 'ମୁଡ ଅଫ ଦ ନେସନ' ସ୍ରୋତରେ ବିଜେଡି ସରକାରର ପତନ ଘଟାଇବେ ବୋଲି ରାଜ୍ୟ ବିଜେପି ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର କହିଛନ୍ତି ।

ରାଜ୍ୟରେ ଚାଷୀମାନଙ୍କ ସମସ୍ୟା ପ୍ରତି ମୁଖ୍ୟମନ୍ତ୍ରୀ ଆଖି ବୁଜି ଦେଇଛନ୍ତି । ଗୋଟିଏ ପଟେ ଚାଷର କ୍ଷୟକ୍ଷତି ଏବଂ ଋଣଭାରରେ ବୁଡି ଚାଷୀ ଦମ୍ପତି ଆତ୍ମହତ୍ୟା କରିବା ସମୟରେ ମୁଖ୍ୟମନ୍ତ୍ରୀ ବଲିଉଡ ତାରକାଙ୍କ ସହ ସେଲଫି ନେବାରେ ବ୍ୟସ୍ତ ଥିଲେ । ରାଜ୍ୟର ଚାଷୀମାନଙ୍କ ଜଳସେଚନର ସୁବିଧା ନାହିଁ, କୃଷିଋଣ ଏବଂ ଫସଲ ବୀମା ଯୋଜନା ପ୍ରକୃତ ଚାଷୀ ପାଖରେ ପହଂଚି ପାରୁନାହିଁ । ଏଯାବତ୍ ଧାନର ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟ ଚାଷୀ ପାଉନାହିଁ, ରାଜ୍ୟରେ ଶୀତଳଭଣ୍ଡାର ନାହିଁ, ନିମ୍ନମାନର କୀଟନାଶକ ଯୋଗୁଁ ଚକଡା ପୋକ ଲାଗି ହଜାର ହଜାର ହେକ୍ଟର ଫସଲ କ୍ଷୟକ୍ଷତି ହୋଇଛି, ଚାଷ ଜମିରେ ଚାଷୀ ନିଆଁ ଲଗାଇ ସରକାର ବିରୋଧରେ ପ୍ରତିବାଦ କରିବା ସହ କିଛି ଉପାୟ ନପାଇ ଆତ୍ମହତ୍ୟା କରୁଛି ।  କୃଷିର ବିକାଶ ନ ହେବା କାରଣରୁ ଓଡିଶାର ଚାଷୀମାନେ ବାହର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । ରାଜ୍ୟସରକାର କେବଳ ମିଥ୍ୟା ପ୍ରତିଶୃତି ଦେଇ ଚାଷୀପରିବାକୁ ଭୁତେଇ ଚାଲିଛନ୍ତି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ରାଜ୍ୟ କଂଗ୍ରେସ ଏଠି ବିଜେଡିର ଆଶାବାଡି ସାଜି କାର୍ଯ୍ୟ କରୁଛି । ଶାସକ ବିଜେଡି ପାଖରେ କଂଗ୍ରେସ ପ୍ରାର୍ଥୀମାନେ ବିକ୍ରି ହୋଇସାରିଛନ୍ତି । ବିଜେପୁରଠୁ ବିଜାତୋଳା ରାଜ୍ୟ କଂଗ୍ରେସକୁ ସାଧାରଣ ଜନତା ପ୍ରତ୍ୟାଖାନ କରିଆସିଛନ୍ତି । ନିଜର ବାସ୍ତବ ସ୍ଥିତିକୁ ନପରଖିକି ରାଜ୍ୟ କଂଗ୍ରେସ ଅନ୍ୟ ରାଜ୍ୟର ଫଳାଫଳକୁ ନେଇ ଉତ୍ସାହିତ ହେବା ଅତ୍ୟନ୍ତ ହାସ୍ୟାସ୍ପଦ ଘଟଣା ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ଶ୍ରୀ ମହାପାତ୍ର କହିଛନ୍ତି ଯେ, କଂଗ୍ରେସ ସମୟରେ ଦେଶରେ ସର୍ବଧିକ ଚାଷୀ ଆତ୍ମହତ୍ୟା କରିଛନ୍ତି । ଅନ୍ୟପଟେ ଛତିଶଗଡ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ଥିବା ବିଜେପି ସରକାର ଚାଷୀମାନଙ୍କ ଉନ୍ନତି ପାଇଁ ବ୍ୟାପକ ସଂସ୍କାର ଆଣିଛନ୍ତି । ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା, ମାଗଣା ବିଜୁଳୀ, ଧାନ ଓ ଗହମ ଫସଲରେ ବୋନସ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିବା ଠୁ ଆରମ୍ଭ କରି ଫସଲ ବୀମା ଯୋଜନା, ଇ-ମଣ୍ଡୀ, ନିମ୍ କୋଟିଙ୍ଗ ୟୁରିଆ, କୃଷି ସିଂଚାଇ ଯୋଜନା ଆଦି ଅନେକ ଯୋଜନା କରିଛନ୍ତି । ଏହା ସତ୍ୱେ ଚାଷୀମାନେ ସରକାରକୁ ପ୍ରତ୍ୟାଖାନ କରିଛନ୍ତି । ଏହି ଧାରାରେ ରାଜ୍ୟସରକାର ଏଠି ଚାଷୀ ପରିବାରକୁ ଆତ୍ମହତ୍ୟା କରିବା ପାଇଁ ବାଧ୍ୟ କରୁଛନ୍ତି । ରାଜ୍ୟର କିଛି ଚାଷୀ ସଙ୍ଗଠନ ପ୍ରାଇସ, ପେଷ୍ଟିଜ ଓ ପେନସନ ଦାବି ଉଠାଇଥିବା ସମୟରେ ରାଜ୍ୟସରକାର ସେମାନଙ୍କୁ ରାଜଧାନୀ ଭିତରେ ପୂରାଇ ଦେଲେ ନାହିଁ । ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ହିଁ ସଠିକ୍ ହେବ ଏବଂ ୨୦୧୯ରେ ଶାସକ ବିଜେଡିର ପତନ ଘଟିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ରାଜ୍ୟ ବିଜେପି ଓଡିଆଙ୍କ ସ୍ୱାର୍ଥ ପାଇଁ ଲଢେଇ କରିଆସୁଛି । ମୋଦୀ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଗୁଡିକ ତୃଣମୂଳସ୍ତରରେ ପହଂଚିବାରେ ଶାସକ ବିଜେଡି ବାଧକ ସାଜିଛି । ଏହାର ଜବାବ ଆଗାମୀ ଦିନରେ ରାଜ୍ୟବାସୀ ଦେବେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**